The Samaja
Date: 13.02.2019.

## ଭୁବନେଶ୍ୱର ଆଇଆଇଟି ପ୍ରତିଷ୍ଠା ଦିବସ

# ଆଧ୍ୟାତ୍ମିକ ଶକ୍ତି ବିନା ଯାନ୍ତ୍ରିକ ଶକ୍ତିର ବିକାଶ ଅସମ୍ଭବ-ରାଜ୍ୟପାଳ



ଜଟଣୀ,୧୨।୨(ନି.ପ୍ର): ଆଧ୍ୟାତ୍ମିକ ଶକ୍ତି ବିନା ଯାନ୍ତ୍ରିକ ଶକ୍ତି ବିକାଶ ଅସମ୍ଭବ ବୋଲି ମଙ୍ଗଳବାର ପୁର୍ବାହ୍ନରେ ଜଟଣୀ ଅରଗୁଳସ୍ଥିତ ଭୁବନେଶ୍ୱର ଆଇଆଇଟି ପ୍ରତିଷ୍ଠା ଦିବସ ପାଳନ ଅବସରରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ମତବ୍ୟକ୍ତ କରିଛନ୍ତି। ଯାନ୍ତ୍ରିକ ବିଦ୍ୟା ଓ ଆଧ୍ୟାତ୍ମିକ ଶକ୍ତିର ମିଳିତ ସହଯୋଗରେ ବିଜ୍ଞାନ ଓ ଯାନ୍ତ୍ରିକ ବିଦ୍ୟାର ବିକାଶ ଏବଂ ନୁତନ ଉଦ୍ଭାବନ ସମ୍ଭବ ବୋଲି ସେ ମତ ଦେଇଥିଲେ। ଆଇଆଇଟି ୧୧ତମ ପ୍ରତିଷ୍ଠା ଦିବସକୁ ଉଦଘାଟନ କରିବା ଅବସରରେ ସେ କହିଲେ,ଭଗବାନଙ୍କ ବିନା କେହି କିଛି କରି ପାରିବେ ନାହିଁ। ମହାଭାରତରେ ଅର୍ଜୁନ ଓ ଶ୍ରୀକୃଷ୍ଣଙ୍କ ଭୂମିକା ଅବତାରଣ କରି ସେ କହିଥିଲେ ଯେ ଆଧ୍ୟାତ୍ମିକ ଶକ୍ତି ସହାୟତାରେ ଅର୍ଜୁନ ମହାଭାରତରେ ଯୁଦ୍ଧ ଜୟ କରିଥିଲେ। ଛାତ୍ରଛାତ୍ରୀ ବିଜ୍ଞାନ ଓ ଯାନ୍ତ୍ରିକ ଶିକ୍ଷା ଏବଂ ଗବେଷଣା କରିବା ସହ ଅଭିଜ୍ଞତା ବାହାରକୁ ଯାଇ ଚିନ୍ତା କଲେ ନୁତନ ଜିନିଷ ଉଦ୍ଭାବନ କରିବାର ଧାରଣା ପାଇ ପାରିବେ ବୋଲି କହିଥିଲେ। ବିଜ୍ଞାନ ଚେତନା ଓ ଆଧ୍ୟାତ୍ମିକ ଶକ୍ତି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ନୁତନ ଉଦ୍ଭାବନକୁ ମାନବ ସମାଜର କଲ୍ୟାଣ ଦିଗରେ ଲଗାଇବାକୁ ସେ ଛାତ୍ର ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର.ଭି.ରାଜକୁମାର ସ୍ୱାଗତ ଭାଷଣ ଦେଇଥିଲେ। ଜଟଣୀର ଅରଗୁଳଠାରେ ୨୦୦୯ରେ ଆଇଆଇଟିର ଶିଳାନ୍ୟାସ କରାଯାଇଥିଲା। ୨୦୧୮ରେ ଆଇଆଇଟି ନିଜସ୍ୱ କ୍ୟାମ୍ପସ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଥିଲା। ସ୍ୱଳ୍ପ ସମୟ ମଧ୍ୟରେ ବିଜ୍ଞାନ ଓ ଯାନ୍ତ୍ରିକ ଶିକ୍ଷା ଓ ଗବେଷଣା ଏବଂ ଅନ୍ୟାନ କ୍ଷେତ୍ରରେ ଆଇଆଇଟି ଭୁବନେଶ୍ୱର ବିଶ୍ୱ ସ୍ତରୀୟ ଶିକ୍ଷାନୁଷ୍ଠାନର ମାନ୍ୟତା ପାଇଥିବା ସେ ସୂଚନା ଦେଇଥିଲେ। ପ୍ରତିରକ୍ଷା ଓ ଗବେଷଣା ଏବଂ ଉନ୍ନୟନ ସଂସ୍ଥାର ପ୍ରାକ୍ତନ ଅଧ୍ୟକ୍ଷ ଡ଼. ଏସ.ଖ୍ରୀଷ୍ଟଫର ଏବଂ ଆଇଆଇଟି ପ୍ରଫେସର ସରୋଜ କୁମାର ନାୟକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଆଇଆଇଟିର ଆସୋସିଏଟ ପ୍ରଫେସର ଡ଼.ବେନୁଗୋପାଲ ଆର୍ମୁରି, ଡ଼.ମିହିର କୁମାର ପଣ୍ଡିତ, ଡ଼.କୌଶିକ ସାମନ୍ତ, ଡ଼.ବଙ୍କିମ ଚନ୍ଦ୍ର ମଣ୍ଡଳ, ଡ଼.ରାଜକୁମାର ଗୁଡ଼ରୁ, ଛାତ୍ର ମଣିକାନ୍ତ ବର୍ମା, ରାହୁଲ ମହନ୍ତ ଓ ରାଉଳ କୁମାରଙ୍କୁ ଉଲ୍ଲେଖନୀୟ ସେବା ପାଇଁ ସମ୍ମାନିତ କରାଯାଇଥିଲା। ପ୍ରଫେସର ଭି.ଆର. ପିଡ଼ିରେଡ଼ି ଧନ୍ୟବାଦ ଦେଇଥିଲେ। ଆଇଆଇଟି ପରିସରରେ ବିଜ୍ଞାନ ଓ ଟେକ୍ନୋଲୋଜି ଉପରେ ଏକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଏଥିରେ ୨୦୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଆଖପାଖ ଅଞ୍ଚଳର ୫ ହଜାର ସ୍କୁଲ ଛାତ୍ରଛାତ୍ରୀ ପ୍ରଦର୍ଶନୀ ବୁଲି ଦେଖିଥିଲେ। ଆଇଆଇଟିର ରେଜିଷ୍ଟ୍ରାର ଦେବରାଜ ରଥଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସହକାରୀ ରେଜିଷ୍ଟ୍ରାର ପ୍ରଦୀପ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।